



# ଆନ୍ଦୋଳନ ପାଇଁ କ୍ରିୟାନୁଷ୍ଠାନ କମିଟିର ସଜବାଜ

ତାଳଚେର,୭।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲ କଲେଜରେ ଶିକ୍ଷାଦାନ ସହ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇ ଦେବା ଦାବି ନେଇ ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାଇ ଗାଁକୁ ଚାଲ ଅଭିଯାନ ମଙ୍ଗଳବାର ବନ୍ତୋଲ ପଞ୍ଚାୟତଠାରୁ ଆରମ୍ଭ ହୋଇଛି। କମିଟିର କାର୍ଯ୍ୟକାରୀ ସଭାପତି ଭୂପେନ ଥମ୍ବ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସରପଞ୍ଚ ଜୟନ୍ତୀଲତା ପ୍ରଧାନଙ୍କ ସହଯୋଗରେ ସମିତି ମେମ୍ବର, ୱାର୍ଡ ମେମ୍ବର, ପୂର୍ବତନ ସରପଞ୍ଚ ଏବଂ ଗ୍ରାମ ସଭାପତିଙ୍କ ସହ ଉପସ୍ଥିତ ଗ୍ରାମବାସୀଙ୍କୁ ଦାବି ସମ୍ପର୍କରେ ସଚେତନ କରିଥିଲେ। ପ୍ରଦୂଷିତ ବଳୟ ମଧ୍ୟରେ ଥିବା ତାଳଚେରବାସୀଙ୍କ ପ୍ରତି ସରକାରଙ୍କ ଅଣଦେଖାର ଜୋର୍‌ଦାର ଜବାବ ଦେବାର ସମୟ ଆସିଛି ବୋଲି କହିଥିଲେ।



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

ପ୍ରକାଶଥାଉ କି, ତାଳଚେରଠାରେ ଥିବା ମେଡିକାଲ କଲେଜରେ ୧୦୦ ସିଟ୍‌ରେ ନାମଲେଖା ହୋଇଥିଲେ ହେଁ ମେଡିକାଲ କଲେଜର ଶିକ୍ଷା ଦାନ ଏବଂ ସ୍ୱାସ୍ଥ୍ୟସେବାକୁ ସରକାର ଅନୁଗୋଳ ଜିଲା ଚିକିତ୍ସାଳୟକୁ ନେଇଯାଇଛନ୍ତି। ଏହାର ପ୍ରତିବାଦରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୮୯ ଦିନ ହେବ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଜାରି ରହିଛି। ବିଧାନସଭା ସମ୍ମୁଖରେ ମଧ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବି ସମ୍ପର୍କରେ ଅବଗତ କରାଯାଇଛି। ହେଲେ ଦାବି ପୂରଣ ହୋଇ ନ ଥିବାରୁ ଆନ୍ଦୋଳନରେ ବିପୁଳ ମାତ୍ରାରେ ଯୋଗଦାନ ଦେବାକୁ ତାଳଚେରବାସୀଙ୍କୁ ଅନୁରୋଧ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ମିହିର କୁମାର ରଥ, ପୂର୍ବତନ ସରପଞ୍ଚ ଅବନୀ କାନ୍ତ ଦେହୁରୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ

ତାଳଚେର,୭।୪(ମନୋଜ ନନ୍ଦ)

ଅଗ୍ନି ବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ଭାଜପା ଯୁବନେତା ତଥା ସାମାଜିକ କର୍ମୀ ବିଭୂତି ସାହୁ। ସୂଚନା ଅନୁଯାୟୀ, ତାଳଚେର ବ୍ଲକ ଏଫ୍‌ସିଆଇ ମୁଣ୍ଡା ବଜାରରେ ରହୁଥିବା ସୁରେଶ ଚନ୍ଦ୍ର ଦାସଙ୍କ ଘରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗିଥିଲା। ଏଥିରେ ଘର ସହିତ ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଭାଜପା ଯୁବନେତା ତଥା ସାମାଜିକ କର୍ମୀ ବିଭୂତି ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ଜରିପାଲ ଓ ବସ୍ତ୍ର ପ୍ରଦାନ କରିଥିଲେ। ଏହି ସହାୟତା ପ୍ରଦାନ ସମୟରେ ସିଦ୍ଧେଶ୍ୱର ବେହେରା, ଶିବରାମ ପୂର୍ତ୍ତି, ରଞ୍ଜିତ ହେମ୍ବ୍ରମ, ଦୁଃଶାସନ ବେହେରା, ଜଗମୋହନ ନାଏକ ଓ ବଳରାମ ସାହୁ ସହଯୋଗ କରିଥିଲେ।

# ସହର ମଧ୍ୟରୁ ହଟିଲା ବିପଦପୂର୍ଣ୍ଣ ଶୁଖିଲା ଗଛ

ଅନୁଗୋଳ,୭।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ଗଛଗୁଡ଼ିକୁ ମଙ୍ଗଳବାର ପୌରପାଳିକା ପକ୍ଷରୁ କଟାଯାଇଛି। ଜନଗହଳିପୂର୍ଣ୍ଣ ଅଞ୍ଚଳ, ସରକାରୀ କାର୍ଯ୍ୟାଳୟ, ନିତିଦିନିଆ ରାସ୍ତା ପାର୍ଶ୍ୱରେ ଏହି ଶୁଖିଲା ଗଛଗୁଡ଼ିକ ରହିଥିବାରୁ ଯାତାୟାତକାରୀଙ୍କ ପ୍ରତି ବିପଦ ରହୁଥିଲା। ଏପରି କି ସାମାନ୍ୟ ଜୋର୍‌ରେ ପବନ ବହିବା ବେଳେ ଶୁଖିଲା ଡାଳ ଖଣ୍ଡ ଭାଙ୍ଗି ତଳେ ପଡୁଥିଲା। ଏ ନେଇ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ମଧ ବନବିଭାଗ କିମ୍ବା ପୂର୍ତ୍ତ ବିଭାଗ ଏହା ଉପରେ ଧ୍ୟାନ ଦେଉ ନ ଥିଲା। ରାଧାରମଣପଡ଼ା, ସାତକୋଶିଆ ବନଖଣ୍ଡ କାର୍ଯ୍ୟାଳୟ ପାର୍ଶ୍ୱ, ବିଜୁ ମଇଦାନ ଆଦି ସ୍ଥାନରେ ବହୁ ସଂଖ୍ୟାରେ ଆମ୍ବ ଓ ଅନ୍ୟ ବଡ଼ ବଡ଼ ଗଛ ମରି ଶୁଖି ଯାଇଥିଲା। ସୋମବାର କାଳବୈଶାଖୀ ବର୍ଷା ପବନ ଫଳରେ କେତେକ ସ୍ଥାନରେ ଗଛ ମଧ ଭାଙ୍ଗି ପଡ଼ିଥିଲା। ମଙ୍ଗଳବାର ପୌର ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସହର ମଧ୍ୟରେ ଥିବା ଶୁଖିଲା ଗଛଗୁଡ଼ିକୁ କଟାଯାଇ ସଫା କରାଯାଇଛି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗଛଗୁଡ଼ିକ ହଟିବା ପରେ ସହରବାସୀ ପୌର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଗଛଗୁଡ଼ିକୁ କଟାଯାଉଛି।

# ଟିକାକରଣର ଗୁରୁତ୍ୱ ଉପରେ ଆଲୋକପାତ




ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ବଇଣ୍ଡା,୭।୪(ପରିକ୍ଷିତ ସାହୁ)

ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ ଦ୍ୱାରା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ସଙ୍ଗୀତା ସାହୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଗୋବିନ୍ଦ ଶଙ୍ଖାରୀ ଓ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ଔଷଧ, ଟିକା, ଟିକାକରଣର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଆଗାମୀ ଦିନରେ ସୁସ୍ଥ ଜୀବନ ଯାପନ ନିମନ୍ତେ ଯୋଗ, ପ୍ରାଣାୟାମ କରିବା ଓ ଜଙ୍କ୍‌ଫୁଡ ନ ଖାଇବା ନିମନ୍ତେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୭୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।

# ଶରଧାପୁରରେ ନିର୍ମାଣ ହେବ ସୌରବାଡ଼

ଅନୁଗୋଳ,୭।୪(ଦିବ୍ୟଶାନ୍ତନୁ ନାଥ)

- ହାତୀ ଉପଦ୍ରବରୁ ଲୋକଙ୍କୁ ମିଳିବ ମୁକ୍ତି
- ବନ ବିଭାଗର ପ୍ରକ୍ରିୟା ଆରମ୍ଭ
- ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ଚେତିଲା ବନ ବିଭାଗ

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଶରଧାପୁର ଗ୍ରାମବାସୀଙ୍କୁ ହାତୀ ଉପଦ୍ରବରୁ ସୁରକ୍ଷା ଦେବାକୁ ନିର୍ମାଣ ହେବ ସୌରବାଡ଼। ଫଳରେ ଦୀର୍ଘ ଦିନ ଧରି ଅଞ୍ଚଳରେ ଲାଗିରହିଥିବା ହାତୀଜନିତ ସମସ୍ୟାରୁ ରକ୍ଷା ପାଇବେ ଗ୍ରାମବାସୀ। ଏଥିପାଇଁ ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାବେଳେ ବିଭାଗୀୟ ସ୍ତରରେ ଆନୁଷଙ୍ଗିକ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଶରଧାପୁର ଗ୍ରାମକୁ ବାରମ୍ବାର ହାତୀପଲ ପଶି ଆସୁଥିଲେ। ଫଳରେ ବ୍ୟାପକ ଫସଲହାନି ହେବା ସହ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ହାତୀ ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ଭୟ କରୁଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମର ଶିବୁ ନାୟକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇଛି। ବର୍ତ୍ତମାନ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ସୌରବାଡ଼ ନିର୍ମାଣ କାର୍ଯ୍ୟ ଚାଲିଛି। ଶରଧାପୁର ଗ୍ରାମର ଭୌଗୋଳିକ ସ୍ଥିତି ଓ ବୈଷୟିକ ଅନୁଧ୍ୟାନ ଶେଷ ହେବା ପରେ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# କାଳବୈଶାଖୀରେ ଭାଙ୍ଗିଲା ଗଛ



କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗିଯାଇଛି।

ଅନୁଗୋଳ,୭।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ବଣ୍ଟାପାଳ ବ୍ଲକ ମହୀଧରପୁର ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବହୁ ବଡ଼ ବଡ଼ ଗଛ ଭାଙ୍ଗିଯାଇଛି। ମହୀଧରପୁର-ଅନୁଗୋଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କେତୋଟି ଗଛ ଉପୁଡ଼ିଯାଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାବେଳେ ଖୁଣ୍ଟ ମଧ ଭାଙ୍ଗିଥିବା ଦେଖାଯାଇଛି। ମହୀଧରପୁର ଶ୍ମଶାନ ନିକଟରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଏକ ଗାଈର ମୃତ୍ୟୁ ହୋଇଛି। ସେହିପରି ଖନ୍ଦାନାଳୀ ନିକଟରେ ତଳମୂଳ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଦୋକାନ ଆଜବେଷ୍ଟସ ଉଡି ପ୍ରାୟ ୧୦୦ ମିଟର ଦୂରରେ ପଡିଛି।

# ସମସ୍ତ ପ୍ରତିବନ୍ଧକ ଜୟ କରି ଆଗକୁ ବଢ଼ିବାକୁ ଆହ୍ୱାନ




ଅନୁଗୋଳରେ ଅନୁଷ୍ଠିତ ଇଗ୍ନୁର ଦୀକ୍ଷାନ୍ତ ସମାରୋହରେ ଅତିଥିଙ୍କ ସହ ଡିଗ୍ରୀ ହାସଲକାରୀ ଛାତ୍ରୀଛାତ୍ରମାନେ।

ଅନୁଗୋଳ,୭।୪(ଜ୍ୟୋତିରଞ୍ଜନ ସାହୁ)

**ଇଗ୍ନୁର ୩୯ତମ ଦୀକ୍ଷାନ୍ତ ସମାରୋହ**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ୩୯ତମ ଦୀକ୍ଷାନ୍ତ ସମାରୋହ ମଙ୍ଗଳବାର ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ବ୍ଲାକ୍ ଡାଇମଣ୍ଡ ପରିସରରେ ଆୟୋଜିତ ହୋଇଯାଇଛି। ଦିଲ୍ଲୀ କ୍ୟାମ୍ପସର ବାବା ସାହେବ ଆମ୍ବେଦକର ସଭାଗୃହରେ ମୁଖ୍ୟ କାର୍ଯ୍ୟକ୍ରମ ସହ ସମାନ୍ତରାଳ ଭାବେ ଦେଶର ୫୧ଟି ଆଞ୍ଚଳିକ କେନ୍ଦ୍ରରେ ଏହି ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପୌରୋହିତ୍ୟ କରିଥିଲେ। ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ରଖିଥିଲେ। ସେହିପରି ଦିଲ୍ଲୀର ଉପରାଜ୍ୟପାଳ ତରନଜିତ ସିଂ ସନ୍ଧୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଉଦ୍ଧୃତ କରି ଜୀବନର ସମସ୍ତ ପ୍ରତିବନ୍ଧକକୁ ଜୟ କରି ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ। ଏହାସହିତ ଉଚ୍ଚଶିକ୍ଷାର ଗଣତାନ୍ତ୍ରୀକରଣ ଓ ଘରେ ଘରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବାରେ ଇଗ୍ନୁର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମଗ୍ର ଭାରତରେ ୩,୨୪,୮୪୪ ଜଣ ଶିକ୍ଷାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅନୁଗୋଳ ଆଞ୍ଚଳିକ କେନ୍ଦ୍ରରେ ୧୮୫୩ ଜଣ ଶିକ୍ଷାର୍ଥୀ ଯୋଗ୍ୟ ଥିବାବେଳେ ୮୨ ଜଣ ନିଜେ ଉପସ୍ଥିତ ରହି ଡିଗ୍ରୀ ଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଭିଳାଷ ନାୟକ ବିଭିନ୍ନ ଶୈକ୍ଷିକ ଓ ବିକାଶମୂଳକ କାର୍ଯ୍ୟକଳାପର ବିବରଣୀ ପ୍ରଦାନ କରିଥିଲେ।

# ଇଣ୍ଟେଲିଜେଣ୍ଟ କମ୍ପ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବ

ବଇଣ୍ଡା,୭।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଇଣ୍ଟେଲିଜେଣ୍ଟ କମ୍ପ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ମିଶ୍ର, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ମିନତି ସାମଲ, ଅନ୍ୟତମ ଅତିଥି ଭାବରେ ଶ୍ରୀ ସାଇ ଏଜୁକେଶନ ଟ୍ରଷ୍ଟ ଅଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ସୁନୀଲ ବିଶ୍ୱାଳ, ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସୁପ୍ରିତା ପ୍ରଧାନ, ବର୍ଷାରାଣୀ ମହାପାତ୍ର, ମୋନାଲିସା ପ୍ରଧାନ, ଚିତ୍ରପଳା ସାହୁ, ଗୀତାଞ୍ଜଳି ଦେହୁରୀ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁମିତ୍ରା କାନ୍ଧିଆ, ସୁଷମା ଦାସ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ଡ୍ରେନ୍ ତଳୁ ଖସୁଛି ମାଟି, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ବଇଣ୍ଡା,୭।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନ୍ ଅତିନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଡ୍ରେନ୍ କାମ ୯୦ ପ୍ରତିଶତ ସମାପ୍ତ ହୋଇଥିବାବେଳେ ଘୋଡ଼ାଯାଇଥିବା ସ୍ଲାବଗୁଡ଼ିକ ଭାଙ୍ଗିଗଲାଣି। ସେହିପରି ଅନେକ ସ୍ଥାନରେ ଡ୍ରେନ୍ ତଳୁ ମାଟି ଧୋଇ ହୋଇଯାଇଥିବାରୁ ଏହାର ଭବିଷ୍ୟତକୁ ନେଇ ବଇଣ୍ଡା ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ମନ୍ତ୍ରଣାଳୟର ସମ୍ବଲପୁର ପିଡିଙ୍କୁ ମଧ ଅଭିଯୋଗର ନକଲ ପ୍ରଦାନ କରାଯାଇଛି। ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡା ଠାରେ ୨୦୨୨ ମସିହାଠାରୁ ଡ୍ରେନ୍ ନିର୍ମାଣ ଆରମ୍ଭ ହୋଇ ୨୦୨୫ରେ ୯୦ ପ୍ରତିଶତ କାମ ସମାପ୍ତ ହୋଇଛି। କାମ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ ଠିକା ସଂସ୍ଥା ଏଠାରୁ ଚାଲିଯାଇଛି। ଅନେକ ସ୍ଥାନରେ ଡ୍ରେନ୍‌ଗୁଡିକ ଉପରେ ପକାଯାଇଥିବା ସ୍ଲାବ ଭାଙ୍ଗିଯାଇଥିବାବେଳେ ଏବେ କିଛି ସ୍ଥାନରେ ଡ୍ରେନ୍ ତଳୁ ମାଟି ଖସିଯାଉଛି। ବଇଣ୍ଡା ଅଞ୍ଚଳରେ ହୋଇଥିବା ପୋଲ ନିକଟରେ ସଂଯୋଗ କରୁଥିବା ଡ୍ରେନଗୁଡିକର ସାଇଡ୍ ୱାଲ ଦିଆଯାଇ ନ ଥିବା ଯୋଗୁ ବର୍ଷା ହେଲେ ଆସୁଥିବା ପାଣି ନାଳରେ ପଡିବା ପରବର୍ତ୍ତେ ଉକ୍ତ ଡ୍ରେନ ତଳେ ଥିବା ମାଟି ଧୋଇନେଉଛି। ତୁରନ୍ତ ଡ୍ରେନ୍ କାମ ସାରିବା ସହ ନିମ୍ନମାନର ନିର୍ମାଣ ସମ୍ପର୍କରେ ତଦନ୍ତ କରିବା ପାଇଁ ଦାବି କରାଯାଇଛି।



# ୨୫୦ରୁ ଅଧିକ ରୋଗୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସନ୍ତ୍ରୀଛକ,୭।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟାପାଳ ବ୍ଲକ୍ ମହୀଧରପୁର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଜେଶ କୁମାର ନାୟକଙ୍କ ସ୍ମୃତିରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇକି ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୁବାସ ଚନ୍ଦ୍ର ଜେନା, ସାମାଜିକ କର୍ମୀ ଦିବ୍ୟରଞ୍ଜନ ସାମଲ, ମାନସ କୁମାର ସାହୁ, ପୂର୍ବତନ ସରପଞ୍ଚ ବିନୋଦ କୁମାର ବେହେରା, ଗ୍ରାମ ସଭାପତି ଆନନ୍ଦ କୁମାର ସାହୁ, ସାମାଜିକ କର୍ମୀ ଅନିଲ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଆୟୁର୍ବେଦ ଚିକିତ୍ସକ ଡା. ସୁନୀଲ କୁମାର ପ୍ରଧାନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବୈଷୟିକ ଉପଚାରକ ଭାବେ ଜାଗ୍ରତ କୁମାର ସାହୁ ଯୋଗଦେଇଥିଲେ। ଥେରାପି ଟେକ୍ନିସିଆନ ପୂର୍ଣ୍ଣଚନ୍ଦ୍ର ନାୟକ, ଅନିରୁଦ୍ଧ ସାହୁ, ଦିବ୍ୟସ୍ୱରୂପ ସ୍ୱାଇଁ ଔଷଧ ବିକ୍ରୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ପରିଚାଳନାରେ ଦାମୋଦର ନାୟକ, ଅଶୋକ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ରଣଜିତ୍ ନାୟକ, କନ୍ଦର୍ପ ନାୟକ, ଅକ୍ଷୟ ସାହୁ ପ୍ରମୋଦ ସାହୁ, ସ୍ଥାନୀୟ ଯୁବକ ସଂଘ ଓ ସ୍ୱେଚ୍ଛାସେବୀ ପୂର୍ଣ୍ଣ ସହଯୋଗ କରିଥିଲେ।




ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି।

# ଅଷ୍ଟମ ସନ୍ଧ୍ୟାରେ ଭକ୍ତି, କଳାର ମହାସଙ୍ଗମ

ତାଳଚେର,୭।୪(ମନୋଜ ନନ୍ଦ)

**ଲୋକ ମହୋତ୍ସବର ୮ମ ସନ୍ଧ୍ୟା କାର୍ଯ୍ୟକ୍ରମ**

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଅବସରରେ ଚାଲିଥିବା ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଭକ୍ତି ଓ କଳାର ଏକ ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳିଥିଲା। ତାଳଚେର ଉପଜିଲାପାଳ ଆଶିଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଆର୍‌ସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଣିହାଁ ତହସିଲଦାର ଚିନ୍ମୟ ଦାସ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତହସିଲଦାର ଆଲଫା ଜେନା ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରୀୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସଙ୍ଗୀତ ଆସର ବେଶ୍ ଆକର୍ଷଣୀୟ ଥିଲା। ତାଙ୍କ ସହ ଶିବାଶିଷ, ଦେବଶଙ୍କର ଓ ସୀମାଙ୍କ ଯୁଗଳବନ୍ଦୀ ସନ୍ଧ୍ୟାକୁ ସ୍ମରଣୀୟ କରିଦେଇଥିଲା। ସେହିପରି ବଲାଙ୍ଗୀରରୁ ଆସିଥିବା କୋଶଳ ଡ୍ୟାନ୍ସ ଏକାଡେମୀର ଶିଳ୍ପୀ, ଉତ୍କଳ କଳା କେନ୍ଦ୍ର ଅନୁଗୋଳ, ଓମ୍ ସାଇ କଳାନିକେତନ ଏବଂ ରବୀନ୍ଦ୍ର ଭାରତୀ ଏକାଡେମୀର କଳାକାରମାନେ ନିଖୁଣ ପ୍ରଦର୍ଶନ କରିଥିଲେ। ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଉପସଭାପତି ରଶ୍ମିତା ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ବବ୍ରୁ ପ୍ରସାଦ ପତି, କୁମାରୀ ରୀତା ଦାସ ପ୍ରମୁଖ ଯୋଗଦେଇଥିଲେ।





ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

